ଗ୍ରାମୀଣ କୃଷି ମୌସୁମୀ ସେବା

ଭାରତୀୟ ପାଣିପାଗ ବିଭାଗ

ଓଡ଼ିଶା କୃଷି ଓ ୍ୃଯୈଷୟିକ ଫିଶ୍ୱଫିଦୟା□ୟ

ଭୁବନେଶ୍ୱର, ଓଡ଼ିଶା

# କୃଷି ଉପଦେଶ ପ୍ରସାରିତ ସମାଚାର

**ତାରିଖ : 13-03-2026**

**କେନ୍ଦ୍ରାପଡା(ଓଡିଶା) - :2026-03-13 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)**

| ପାଣିପାଗ କାରକ | 2026-03-14 | 2026-03-15 | 2026-03-16 | 2026-03-17 | 2026-03-18 |
|---|---|---|---|---|---|
| ବର୍ଷା (ମିମି) | 0.0 | 0.0 | 3.0 | 7.0 | 4.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 34.0 | 34.0 | 33.0 | 33.0 | 32.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 18.0 | 18.0 | 18.0 | 18.0 | 20.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 91 | 88 | 88 | 87 | 88 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 47 | 47 | 50 | 54 | 54 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 10 | 16 | 18 | 21 | 13 |
| ପବନର ଦିଗ (ଡିଗ୍ରୀ) | 201 | 212 | 207 | 211 | 168 |
| ମେଘାଚ୍ଛନ (ଅକ୍ଟା) | 1 | 1 | 3 | 5 | 3 |
| ସତର୍କବାଣୀ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ | ବଜ୍ରପାତ ଏବଂ ବଜ୍ରପାତ, ସ୍କ୍ୱାଲ୍ ଇତ୍ୟାଦି \|; ଶକ୍ତିଶାଳୀ ସତହୀୟ ପବନ | କୌଣସି ସତର୍କତା ନାହିଁ |

## ପୂର୍ବାନୁମାନ ସାରାଂଶ:

ଭାରତୀୟ ପାଣିପାଗ ବିଭାଗ ର ପୂର୍ବନୁମାନ ଅନୁସାରେ, ଜିଲ୍ଲାରେ ଆଗାମୀ ଦୁଇ ଦିନ ପର୍ଯ୍ୟନ୍ତ ପାଗ ଶୁଖିଲା ଓ ଅନ୍ୟ ଦିନ ମାନଙ୍କରେ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ରହିଅଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ଆକାଶ ମୁଖ୍ୟତଃ ପରିଷ୍କାର ରୁ ସାଧାରଣତଃ ମେଘୁଆ ରହିବାର ସମ୍ଭାବନା ରହିଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ପବନ ୧୦ – ୨୧ କି.ମି. ପ୍ରତି ଘଣ୍ଟା ବେଗରେ ପ୍ରବାହିତ ହେବାର ସୂଚନା ରହିଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ସର୍ବୋଚ୍ଚ ତାପମାତ୍ରା ୩୨ - ୩୪ °C ମଧ୍ୟରେ ରହିବାର ସମ୍ଭାବନା ଥିବାବେଳେ ସର୍ବନିମ୍ନ ତାପମାତ୍ରା ୧୮ - ୨୦ °C ମଧ୍ୟରେ ରହିବାର ସମ୍ଭାବନା ରହିଅଛି ।

## ଆବହାବିକ ସତର୍କତା (ପରବର୍ତ୍ତୀ ଦିନ 08:30 IST ଯାଁଚାଯିବାକୁ):

| |
|---|
| ଆସନ୍ତା ମଙ୍ଗଳବାର ଦିନ ବିଜୁଳି ଓ ଘଡଘଡି ର ସତର୍କତା ଚେତାବନୀ ରହିଛି । |

**ଆବହାବିକ ସତର୍କତାର କୃଷି ଉପରେ ସମ୍ଭାବ୍ୟ ପ୍ରଭାବ ଓ ସଂସ୍ଳିଷ୍ଟ ଏଗ୍ରୋମେଟ ପରାମର୍ଶ:**

| |
|---|
|  ବଜ୍ରଧ୍ୱନି ଶୁଣିବା ପରେ , ସମସ୍ତ କାର୍ଯ୍ୟ ବନ୍ଦକରି ସୁରକ୍ଷିତ ସ୍ଥାନକୁ ଯାଆନ୍ତୁ । ଉଚ୍ଚ ଗଛ, ବିଦ୍ୟୁତ୍ ଖୁଣ୍ଟି କିମ୍ବା ଅସ୍ଥାୟୀ ଛପର ତଳେ ଶରଣ ନିଅନ୍ତୁ ନାହିଁ । ଯଦି କୌଣସି ସୁରକ୍ଷିତ ସ୍ଥଳ ଉପଲବ୍ଧ ନଥାଏ, ତେବେ ଖୋଲା ଜାଗାରେ ତଳକୁ ବସି ଦୁଇଟି ପାଦକୁ ଏକସାଥିରେ ରଖନ୍ତୁ, ଯେପରିକି ଶରୀରର ସବୁଠାରୁ କମ ଅଂଶ ମାଟି ସହିତ ଲାଗିରହିବ । |

**ସାଧାରଣ ଉପଦେଶ:**

| |
|---|
|  ପାକଳ ହୋଇଯାଇଥିବା ଶସ୍ୟ ଓ ତୈଳ ଜାତୀୟ ଫସଲକୁ ଅମଳ କରିଦିଅନ୍ତୁ ଏବଂ ମଞ୍ଜି ଅମଳ ପରେ ତାହାକୁ ଦୁଇ ରୁ ତିନି ଦିନ ଖରାରେ ଶୁଖାଇ ସୁରକ୍ଷିତ ସ୍ଥାନରେ ରଖନ୍ତୁ ।  ବର୍ତ୍ତମାନ ସମୟରେ ତାପମାତ୍ରା ବୃଦ୍ଧି ପାଇବାର ସମ୍ଭାବନା ଥିବାରୁ ଚାଷୀ ଭାଇ ମାନେ ପନିପରିବାରେ ଆବଶ୍ୟକ ଥିଲେ ଜଳ ସେଚନ କରନ୍ତୁ ।  ଚାଷୀ ଭାଇ ମାନେ ଖରା ସମୟରେ ବାହାରକୁ ବାହାରୁଥିଲେ, ଓଦା ଗାମୁଛା କିମ୍ବା ଛତା ବ୍ୟବହାର କରନ୍ତୁ। ଠିକ ସମୟରେ ପାଣି ପିଅନ୍ତୁ।  ଧାନ ଫସଲରେ ଗଣ୍ଡିଛାଡିବା ବା ଗର୍ଭସଂଚାର ଆରମ୍ଭ ହେବା ଅବସ୍ଥାରେ ଏକର ପ୍ରତି ୨୦ କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରନ୍ତୁ । ବାଲିଆ ଜମି ହୋଇଥିଲେ ଏହି ସମୟ ରେ ଏକର ପ୍ରତି ୨୦ କିଲୋଗ୍ରାମ ୟୁରିୟା ସାର ସହିତ ୧୫ କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର ପ୍ରୟୋଗ କରନ୍ତୁ ।  ଆମ୍ବ ଗଛ ର ମୂଳ କୁ ଶୁଖିଲା ପତ୍ର ଦ୍ୱାରା ଘୋଡାଇ ରଖନ୍ତୁ ।  ପିଆଜ ଗଛ ର ଚେର ମାଟିରେ ଉପରି ଭାଗ ରେ ରହୁଥିବାରୁ ମାଟି ସର୍ବଦା ଓଦା ରହିବା ଦରକାର କିନ୍ତୁ ପାଣି ଜମି ରହିବା ଅନୁଚିତ । ରବି ପିଆଜ ଫସଲ ରେ ୧୦-୧୫ ଟି ଜଳସେଚନ ଦରକାର ପଡିଥାଏ । ମାଟିର ବତର ଦେଖି ୭ ରୁ ୧୦ ଦିନ ଅନ୍ତର ରେ ଜଳସେଚନ କରନ୍ତୁ ।  ପନିପରିବା ଚାରା କୁ ଅଧିକ ତାପମାତ୍ରା ରୁ ରକ୍ଷା କରିବା ପାଇଁ ସନ୍ଧ୍ୟା ସମୟରେ ଲଗାନ୍ତୁ ।  ଯଦି ଧାନ ରେ ବକାନି ରୋଗ ଦେଖାଯାଏ, ତେବେ ଶୁଖିଲା ପାଗ ଦେଖି ୧ ଲିଟର ପାଣିରେ ୧ ଗ୍ରାମ Carbendazim ୫୦ WP ମିଶାଇ ସିଂଚନ କରନ୍ତୁ । ୭ ରୁ ୧୦ ଦିନ ବ୍ୟବଧାନରେ ଆଉଥରେ ପ୍ରୟୋଗ କରନ୍ତୁ ।  ଆଳୁ ଲଗାଇବାର ୭୫-୮୫ ଦିନ ପରେ ଏହାକୁ ଅମଳ କରି ଦିଅନ୍ତୁ । ଆହୁରି ଯେମିତି ଧ୍ୟାନ ଦେବେ ଜମି ରେ ଅଧିକାଂଶ ପତ୍ର ଗୁଡିକ ହଳଦିଆ ରୁ ବାଦାମି ରଙ୍ଗ ହେଇଯାଇଥିବ । ଅମଳ କରିବାର ୧୫ ଦିନ ପୂର୍ବରୁ ଜଳସେଚନ କୁ ବନ୍ଦ କରି ଦିଅନ୍ତୁ । ସମସ୍ତ ଅମଳ କରା ଯାଇଥିବା ଆଳୁ କୁ ଛାଇ ରେ ୨୪ ଘଣ୍ଟା ପାଇଁ ରଖନ୍ତୁ । ସମସ୍ତ କ୍ଷତିଗ୍ରସ୍ତ ଏବଂ ପଚା ଆଳୁକୁ ଅଲଗା କରି ଦିଅନ୍ତୁ ।  ବଜ୍ରଧ୍ୱନି ଶୁଣିବା ପରେ , ସମସ୍ତ କାର୍ଯ୍ୟ ବନ୍ଦକରି ସୁରକ୍ଷିତ ସ୍ଥାନକୁ ଯାଆନ୍ତୁ । ଉଚ୍ଚ ଗଛ, ବିଦ୍ୟୁତ୍ ଖୁଣ୍ଟି କିମ୍ବା ଅସ୍ଥାୟୀ ଛପର ତଳେ ଶରଣ ନିଅନ୍ତୁ ନାହିଁ । ଯଦି କୌଣସି ସୁରକ୍ଷିତ ସ୍ଥଳ ଉପଲବ୍ଧ ନଥାଏ, ତେବେ ଖୋଲା ଜାଗାରେ ତଳକୁ ବସି ଦୁଇଟି ପାଦକୁ ଏକସାଥିରେ ରଖନ୍ତୁ, ଯେପରିକି ଶରୀରର ସବୁଠାରୁ କମ ଅଂଶ ମାଟି ସହିତ ଲାଗିରହିବ । |

**ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:**

| |
|---|
|  ପାକଳ ହୋଇଯାଇଥିବା ଶସ୍ୟ ଓ ତୈଳ ଜାତୀୟ ଫସଲକୁ ଅମଳ କରିଦିଅନ୍ତୁ ଏବଂ ମଞ୍ଜି ଅମଳ ପରେ ତାହାକୁ ଦୁଇ ରୁ ତିନି ଦିନ ଖରାରେ ଶୁଖାଇ ସୁରକ୍ଷିତ ସ୍ଥାନରେ ରଖନ୍ତୁ । |

**ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:**

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ |  ମହିଷା ରୋଗ ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ମଧ୍ୟରେ ବୃଦ୍ଧି ପାଉଥିବା ତାରତମ୍ୟ ମହିଷା ରୋଗର କାରଣ ହୋଇପାରେ । ଧାନ ଫସଲରେ ମହିଷା ରୋଗ ର ପରିଚାଳନା ପାଇଁ ଏକର ପ୍ରତି ୪୦୦ ମିଲି Hexaconazole ନାମକ ଫିମ୍ପିନାଶକ କିମ୍ବା ୨୦୦ ମିଲି Azoxystrobin ଓ Difenoconazole ର ମିଳିତ ଫିମ୍ପିନାଶକ କିମ୍ବା ୮୦ ଗ୍ରାମ Tebuconazole ଓ Trifloxystrobin ର ମିଳିତ ଫିମ୍ପିନାଶକ ୨୦୦ ଲିଟର ପାଣିରେ ମିଶାଇ ଶୁଖିଲା ପାଗ ଦେଖି ସିଂଚନ କରନ୍ତୁ ।  ଜୀବାଣୁଜନିତ ପତ୍ରପୋଡା ରୋଗ-ଜୀବାଣୁଜନିତ ପତ୍ରପୋଡା ରୋଗ ଦେଖାଦେଲେ ପ୍ରଥମେ ଆକ୍ରାନ୍ତ ଧାନ କିଆରି ରେ ପାଣି ଜମି ରହୁଥିଲେ ପାଣି କାଟି ଦିଅନ୍ତୁ । ବିଲ |

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| | ରୁ ଅନାବନା ଘାସ ବାଛି ଦିଅନ୍ତୁ। ରୋଗ ଲାଗିଥିବା ସମୟ ରେ ଯବକ୍ଷାରଜାନ ଜାତୀୟ ସାର ପ୍ରୟୋଗ କରନ୍ତୁ ନାହିଁ । ଏକର ପ୍ରତି ୬-୮ କିଲୋଗ୍ରାମ ମୁରେଟ ଅଫ ପଟାସ ସାର ପ୍ରୟୋଗ କରନ୍ତୁ । ଏହି ରୋଗର ପରିଚାଳନା ପାଇଁ ଶୁଖିଲା ପାଗ ଦେଖି ଏକର ପ୍ରତି ୬୦୦ ଗ୍ରାମ Copper Hydroxide ନାମକ ଔଷଧ କିମ୍ବା ୨୦୦ଗ୍ରାମ Plantomycin ସହିତ ୬୦୦ଗ୍ରାମ Copper Oxy Chloride ନାମକ ଔଷଧ, ଏକର ପ୍ରତି ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ଆଖୁ | □ ସାର ପରିଚାଳନା ଆଖୁ ବିହନ ଲଗେଇବାର ୪୫ ଓ ୭୫ ଦିନ ବେଳକୁ ଏକର ପ୍ରତି ୬୦-କିଲୋଗ୍ରାମ ହିସାବରେ ୟୁରିୟା ସାର ପ୍ରୟୋଗ କରନ୍ତୁ। ବିହନ ଲଗେଇବାର ୧୦୫ ଦିନ ବେଳକୁ ଆଉ ଥରେ ଏକର ପ୍ରତି ୬୦- କିଲୋଗ୍ରାମ ୟୁରିୟା ସାର ସହିତ ୨୦-କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର ପ୍ରୟୋଗ କରନ୍ତୁ। ଆଖୁ ଲଗେଇବାର ୧୨୦-ଦିନ ପରେ ଯବକ୍ଷାରଯାନ ଜାତୀୟ ସାର ପ୍ରୟୋଗ କରନ୍ତୁ ନାହିଁ ନଚେତ ଅମଳ ବିଳମ୍ବ ହେବା ସହିତ ଶର୍କରା ଅଂଶ କମିଯାଏ ଏବଂ ଅମଳ ହ୍ରାସ ପାଇଥାଏ । |

**ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:**

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଭେଣ୍ଡୀ | □ ଶୋଷକ କୀଟ ବର୍ତମାନ ସମୟରେ ଭେଣ୍ଡି ଫସଲ ରେ ଶୋଷକ ଜାତୀୟ କୀଟ ଯଥା ଜଉ ପୋକ , ପତ୍ର ଡିଆଁ ପୋକ , ପତ୍ର ଉକୁଣି ପୋକ ଏବଂ ଧଳା ମାଛି ଲାଗିବାର ସମ୍ଭାବନା ଅଛି। ଶୁଖିଲା ପାଗ ଦେଖି ଏହି ପୋକ ଗୁଡିକର ପରିଚାଳନା ପାଇଁ ପ୍ରାଥମିକ ଅବସ୍ଥାରେ ଏକର ପ୍ରତି ୬୦୦ ମିଲି- ନିମ୍ବ ଆଧାରିତ କୀଟନାଶକ ୧୫୦୦ PPM କୁ ୨୦୦ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ। ରାସାୟନକି ଉପାୟରେ ଏହି କୀଟ ଗୁଡିକର ପରିଚାଳନା ପାଇଁ ଏକର ପ୍ରତି ୪୦-ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୫୦-ଗ୍ରାମ Acetamiprid ନାମକ କୀଟନାଶକ କିମ୍ବା ୪୦୦-ମିଲି Tolfenpyrad ନାମକ କୀଟନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| ପ୍ରବଳ | □ ପୋଟଳ ଗଛ ବର୍ତମାନ ଫୁଲ ଏବଂ ଫଳ ବହନ କରୁଥିବା ଅବସ୍ଥାରେ । ବର୍ତମାନ ଘାସ କୁ ବାଛନ୍ତୁ ନାହିଁ । ଘାସ ରହିଲେ ତାହା ମାଟି ର ଆର୍ଦ୍ରତା ବଜାୟ ରଖିଥାଏ ଏବଂ ପୋଟଳ ଲତା କୁ ତାହା (ଘାସ) ଉପରେ ମାଡିବା ପାଇଁ ସାହାର୍ଯ୍ୟ କରିଥାଏ, ଯାହାଦ୍ଵାରା ଫଳ ସିଧାସଳଖ ମାଟି ର ସଂସ୍ପର୍ଶ ରେ ଆସେନାହିଁ, ଯାହାକି ଫଳକୁ ସଢିବା ରୁ ରକ୍ଷା କରିଥାଏ । ଅଧିକ ତାପମାତ୍ରା ଯୋଗୁଁ ପୋଟଳ ରେ କବକ ଜନିତ ଝାଉଁଳା ହେବା ର ସମ୍ଭାବନା ଅଛି । ତେଣୁ, ଶୁଖିଲା ପାଗ ଦେଖି Carbendazim @୧.୫ ମିଲି ୧ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ । |
| ଯେଡାନି ନାୀଠ | □ ଫଳ ସଢା ରୋଗ ଓ ଅଗମରା ରୋଗ ଲଙ୍କାମରିଚ ଫସଲ ରେ ବର୍ତମାନ ସମୟ ରେ ଫଳ ସଢା ରୋଗ ଓ ଅଗମରା ରୋଗ ଲାଗିବାର ସମ୍ଭାବନା ରହିଛି। ଶୁଖିଲା ପାଗ ଦେଖି ଏହାର ପରିଚାଳନା ପାଇଁ ଏକର ପ୍ରତି ୫୦୦ ଗ୍ରାମ Propineb ନାମକ ଫିମ୍ପିନାଶକ ୧୦୦ ମିଲି Difenoconazole ନାମକ ଫିମ୍ପିନାଶକ କିମ୍ବା ୨୦୦ ମିଲି Azoxystrobin ନାମକ ଫିମ୍ପିନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫିମ୍ପିନାଶକ କୁ ଫୁଲକଢ ଆସିବା ପୂର୍ବରୁ ଥରେ ଓ ଫଳ ଆସିବା ସମୟରେ ଥରେ ଅନୁମୋଦିତ ମାତ୍ରାରେ ସିଂଚନ କରନ୍ତୁ । |
| ଲଙ୍କା | □ ଫଳ ସଢା ରୋଗ ଓ ଅଗମରା ରୋଗ ଲଙ୍କାମରିଚ ଫସଲ ରେ ବର୍ତମାନ ସମୟ ରେ ଫଳ ସଢା ରୋଗ ଓ ଅଗମରା ରୋଗ ଲାଗିବାର ସମ୍ଭାବନା ରହିଛି। ଶୁଖିଲା ପାଗ ଦେଖି ଏହାର ପରିଚାଳନା ପାଇଁ ଏକର ପ୍ରତି ୫୦୦ ଗ୍ରାମ Propineb ନାମକ ଫିମ୍ପିନାଶକ ୧୦୦ ମିଲି Difenoconazole ନାମକ ଫିମ୍ପିନାଶକ କିମ୍ବା ୨୦୦ ମିଲି Azoxystrobin ନାମକ ଫିମ୍ପିନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫିମ୍ପିନାଶକ କୁ ଫୁଲକଢ ଆସିବା ପୂର୍ବରୁ ଥରେ ଓ ଫଳ ଆସିବା ସମୟରେ ଥରେ ଅନୁମୋଦିତ ମାତ୍ରାରେ ସିଂଚନ କରନ୍ତୁ । |
| ପିଆଜ | □ ପତ୍ର ଉକୁଣୀ ପୋକ ପ୍ରାଥମିକ ଅବସ୍ଥା ରେ ପତ୍ର ଉକୁଣୀ ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦-ମି.ଲି. ନିମ୍ବ ଆଧାରିତ କୀଟନାଶକ ୧୫୦୦ PPM Azadirachtin କୁ ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ। ପତ୍ର ଉକୁଣି ପୋକ ର ରାସାୟନକି ଉପାୟ ରେ ପରିଚାଳନା ପାଇଁ ଏକର ପ୍ରତି ୪୦-ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୫୦-ଗ୍ରାମ Acetamiprid ନାମକ କୀଟନାଶକ, ୨୦୦ ଲିଟର ପାଣିରେ ମିଶାଇ ଶୁଖିଲା ପାଗ ଦେଖି ସିଞ୍ଚନ କରନ୍ତୁ । |
| କଦଳୀ | □ ପତ୍ରଦାଗ ବା ସିଗାଟୋକା ରୋଗ କଦଳୀ ରେ ପତ୍ରଦାଗ ବା ସିଗାଟୋକା ରୋଗ ର ପରିଚାଳନା ପାଇଁ ଶୁଖିଲା ପାଗ ଦେଖି ପ୍ରତି ୧୦ ଲିଟର ପାଣିରେ ୧୦ ଗ୍ରାମ Carbendazim ନାମକ ଫିମ୍ପିନାଶକ କିମ୍ବା ୩୦ ଗ୍ରାମ chlorothalonil ନାମକ ଫିମ୍ପିନାଶକ, ମିଶାଇ ଗଛ ଲଗାଇବାର ୪ ମାସ ପରେ ୧ ମାସ ଅନ୍ତରରେ ଦୁଇ ରୁ ତିନି ଥର ସିଂଚନ କରନ୍ତୁ । |

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଆମ୍ବ | □ ଆମ୍ବ ଡାହାଣୀ ପୋକ ବର୍ତ୍ତମାନ୍ ପାଗରେ ଏହି ପୋକ ଦୃତ ଗତିରେ ବଂଶ ବିସ୍ତାର କରିଥାଏ । ଶୁଖିଲା ପାଗ ଦେଖି ପ୍ରାଥମିକ ଅବସ୍ଥାରେ ନିୟନ୍ତ୍ରଣ ପାଇଁ ଆଯାଡିରକ୍ଟିନ ୦.୦୩% (୩୦୦ ପିପିଏମ୍) କୁ ଏକ ଲିଟର ପାଣିରେ ୫ ମିଲିଗ୍ରାମ ହିସାବରେ ମିଶ୍ରଣ କରି ସିଞ୍ଚନ କରନ୍ତୁ। ଯଦି ପେଛା ପିଛା ୪ ରୁ ଅଧିକ ଡାହାଣୀ ପୋକ ଦେଖା ଯାଆନ୍ତି ତେବେ ନିୟନ୍ତ୍ରଣ ପାଇଁ ଡ୍ରମ୍ ପିଛା (୧୫ ଲିଟର ପାଣିରେ) ୪ ମିଲିଗ୍ରାମ ଇମିଡାକ୍ଲୋପ୍ରିଡ୍ ୧୭.୮% ଏସ.ଏଲ କିମ୍ବା ୩ ଗ୍ରାମ ଥାୟାମିଥୋକ୍ସଯାମ୍-୨୫% ଡବ୍ଲୁ.ଜି କିମ୍ବା ୧୦ ମିଲି ଡାଇମିଥୋଏଟ୍ ୩୦% ଇସି କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ । |

## କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| କୁକୁଡ଼ା ପାଳନ | କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଚିଟକ | □ ବସନ୍ତ ରୋଗ ବସନ୍ତ ରୋଗ ପର୍ଯ୍ୟାୟ ଟୀକାକରଣ ଏବଂ ଘର ଓ ପରବେଶ ସଫା ସୁତୁରା ରଖିବା ଦ୍ଵାରା ରୋକାଯାଇପାରିବ । କ୍ଷତ ଓ କୀଟ ମାନଙ୍କ କାମୁଡା ଦ୍ଵାରା ଏହି ରୋଗ ଗୋଟେ ପକ୍ଷୀ ରୁ ଅନ୍ୟଟି କୁ ବ୍ୟାପିଥାଏ । ଏହି ରୋଗ କାରଣ ରୁ ୫୦ ପ୍ରତିଶତ ଲେଖାଏଁ ଚିଆଁ ମାନେ ମୃତ୍ୟୁ ବରଣ କରିଥାନ୍ତି । ଏହି ରୋଗ କାରଣ ରୁ ଓଜନ ବୃଦ୍ଧି ହାର କମିବା ସହିତ ଅଣ୍ଡା ଦେବା ମାତ୍ରା ମଧ ହ୍ରାସ ପାଇଥାଏ । ତେଣୁ ଆପଣଙ୍କର ସ୍ଥାନୀୟ ପ୍ରାଣୀ ଚିକିତ୍ସକ ଙ୍କ ସହିତ ପରାମର୍ଶ କରିବା ପରେ ୬ ସପ୍ତାହ ରୁ ୧୬ ସପ୍ତାହ ବୟସରେ କୁକୁଡ଼ା ଓ ବତକଙ୍କୁ ଟୀକା ଦିଅନ୍ତୁ । ଆକ୍ରାନ୍ତିତ କୁକୁଡା ଓ ବତକଙ୍କ ମୁଣ୍ଡ, ବେକ ଓ ଦେହ ରେ ଫଟକା ଦେଖାଯାଏ । ଏ ଲକ୍ଷଣ ଦେଖା ଦେଲେ ଆକ୍ରାନ୍ତିତ ପ୍ରାଣୀଙ୍କୁ ଅଲଗା ରଖନ୍ତୁ, ସ୍ଥାନୀୟ ପ୍ରାଣୀଚିକିତ୍ସକ ଙ୍କ ସହିତ ପରାମର୍ଶ କରି ତୁରନ୍ତ ଚିକିତ୍ସା ଆରମ୍ଭ କରିଦିଅନ୍ତୁ । |

## ଆବହାବିକ ସତର୍କତାର ସମ୍ଭାବ୍ୟ ପ୍ରଭାବ (ସାଧାରଣ):

| |
|---|
| ନାହିଁ |

## ପ୍ରଭାବ ଆଧାରିତ ପରାମର୍ଶ (ସାଧାରଣ):

| |
|---|
| ନାହିଁ |

**Farmers are advised to download Unified �Mausam� and "Meghdoot" android application on mobile for Weather forecast and weather based Agromet Advisories and "Damini" android application for forecast of Thunderstorm and lightening.**

**Mausam MobileApp link: https://play.google.com/store/apps/details/**

**Meghdoot MobileApp link: https://play.google.com/store/apps/details**

**Damini MobileApp link : https://play.google.com/store/apps/details**